# ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ

AOUBEA

(AIUBEF ସହ, ଏବଂ AOBEF ମାଧମରେ BEFI ସହ, ଅନୁବନ୍ଧିତ), *ସ୍ଥାପିତ* - ୦୭-୦୮-୧୯୭୭

*ରେଜିଷ୍ଟ୍ରେସନ ନଂ.* - ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)

*କାର୍ଯ୍ୟାଳୟ* - ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, ଭୁବନେଶ୍ୱର – ୭୫୧ ୦୧୫

*e-mail :-* aoubea@gmail.com, ୱେବ ସାଇଟ୍ www.aoubea.org

*ପରିପତ୍ର ସଂଖ୍ୟା :-* ୦୧ – ୨୦୧୯ — ଭୁବନେଶ୍ୱର

***ପ୍ରାପ୍ତେଷୁ – ଶାଖା ପ୍ରତିନିଧି ଏବଂ ସମସ୍ତ ସଦସ୍ୟଗଣ,*** — ୦୧.୦୧.୨୦୧୯

ପ୍ରିୟ ସାଥିଗଣ,

ଅଲ୍ ଓଡ଼ିଶା ୟୁନିୟନ୍ ବ୍ୟାଙ୍କ ଏମ୍ପ୍ଲୟୀସ୍ ଆସୋସିଏସନ୍ ତରଫରୁ ସଙ୍ଗଠନର ସମସ୍ତ ସଦସ୍ୟ ଓ ପରିବାର ବର୍ଗଙ୍କୁ ନବ ବର୍ଷ ୨୦୧୯ ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ଗତାନୁଗତିକ ଭାବେ ସମୟର ରଥ ଚକ ଗଡିଚାଲେ। ଅନେକ ଘଟଣା-ଦୁର୍ଘଟଣା,ଉତଥାନ-ପତନ ଓ ଆଶା-ନିରାଶା ମଧ ଦେଇ ବର୍ଷ ଟିଏ ବିତିଯାଏ, କିନ୍ତୁ କିଛି ଦିନର ଘଟଣା ଓ କାର୍ଯ୍ୟମାନ ସ୍ମୃତି ବିଜଡିତ ହୋଇ ରହିଯାଏ ମାନସ ପଟରେ। ଦିବସ ବଦଳେ ନାହିଁ କି ରାତ୍ରୀ ବଦଳେ ନାହିଁ, କେବଳ ବଦଳିଯାଏ ନୂଆ ପୁରୁଣା ର ଅନୁଭବ। ସେଇ ସ୍ମୃତି ଓ ଅନୁଭବ କୁ ମନେ ରଖି ନୂଆ ସମ୍ଭାବନା ରେ ପୁଣି ସ୍ଥିର କରିବାକୁ ପଡେ ଆଗାମୀ ଦିନର କାର୍ଯ୍ୟ ପନ୍ଥା।

୨୦୧୮ ବର୍ଷଟି ନିଶ୍ଚିତ ରୂପେ ଆମ ସଂଗଠନ ପାଇଁ ଏକ ବ୍ୟସ୍ତ ବହୁଳ ବର୍ଷ ଥିଲା। ରାଜ୍ୟର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟସହ ଆମ ଅଲ୍ ଇଣ୍ଡିଆ ଫେଡରେସନ୍ ର ଆହ୍ୱାନ କ୍ରମେ କେତେକ ଦୃଢ ପଦକ୍ଷେପ ଯୋଗୁ କିଛି ସମସ୍ୟାର ସମାଧାନ ସହିତ ସଫଳତା ମଧ ପାଇଛୁ। ବହୁଦିନର ଦାବି ଅନୁସାରେ ବ୍ୟାଙ୍କର ଅସ୍ଥାୟୀ କର୍ମଚାରୀ ମାନଙ୍କ ସ୍ଥାୟୀ ନିଯୁକ୍ତି ଦାବିରେ ସେମାନଙ୍କୁ ଏକତ୍ର କରି ସଭା କରିବା ଏକ ଉଲ୍ଲେଖନୀୟ କାର୍ଯ୍ୟ। ଗୋଟିଏ ପଟେ ବ୍ୟାଙ୍କର ଶତବାର୍ଷିକୀ ସମାରୋହ ଆରମ୍ଭ ହୋଇଥିଲା ବେଳେ ଅନ୍ୟ ପଟେ ଆମ ଅଲ ଇଣ୍ଡିଆ ଫେଡରେସେନ୍ ର ହୀରକ ଜୟନ୍ତୀ ସମାରୋହ ପାଳନ ଅବସରରେ ପୂର୍ବତନ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧନା ଆମ ପାଇଁ ଏକ ନିଦର୍ଶନ ସ୍ୱରୂପ,ଏହି ଅବସର ରେ ଆମ ରାଜ୍ୟରୁ ଯୋଗ ଦେଇଥିବା କର୍ମକର୍ତ୍ତା ଗଣ ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନ ର ଅନ୍ୟତମ ପୁରୋଧା ଶ୍ରୀ ଶାନ୍ତି ବର୍ଦ୍ଧନ ଙ୍କୁ ସାକ୍ଷାତ କରିବା ଓ ତାଙ୍କ ସହିତ କେଇପଦ କଥା ହେବାର ସୁଯୋଗ ନିଶ୍ଚିତ ଭାବେ ଆଉ ଏକ ଅଭୁଲା ସ୍ମୃତି ଅଟେ। ଗତ ବର୍ଷର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା କେନ୍ଦ୍ର ସରକାରଙ୍କ ସମ୍ପୂର୍ଣ୍ଣ ଭାବେ ଜନ ବିରୋଧୀ ଓ ଦେଶର ଅର୍ଥନୀତି ବିରୋଧୀ ବ୍ୟାଙ୍କ ମିଶ୍ରଣ ପ୍ରକ୍ରିୟା। ଯାହା ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ସବୁଠୁ ବଡ ବିପଦ। ଏହି ମିଶ୍ରଣ ପ୍ରକ୍ରିୟା ଦ୍ୱାରା ବ୍ୟାଙ୍କ ଗୁଡିକର ଦେବାଳିଆ ପରିସ୍ଥିତି ସୃଷ୍ଟି ହେବ ଏବଂ ମୁନାଫାଖୋର ପୁଞ୍ଜିପତି ମାନଙ୍କ ହାତକୁ ବ୍ୟାଙ୍କ ଶିଳ୍ପକୁ ଟେକିଦେବାରେ ସୁଯୋଗ ସୃଷ୍ଟି ହେବ। କେବଳ ସେତିକି ନୁହେଁ ବର୍ତ୍ତମାନର କେନ୍ଦ୍ର ସରକାର ଯେଉଁଭଳି ଭାବେ ଗଣତନ୍ତ୍ର ବିରୋଧୀ ଏବଂ ସାମ୍ପ୍ରଦୟିକତା ବାଦ ଓ ସ୍ୱୟଂଶାସିତ ସଂସ୍ଥା ମାନଙ୍କୁ କାରାୟତ କରି ଶାସନ କରୁଛନ୍ତି ତାହା ଭାରତ ଭଳି ଧର୍ମନିରପେକ୍ଷ ଗଣତନ୍ତ୍ର ରାଷ୍ଟ୍ର ପାଇଁ ସବୁଠୁ ବଡ ବିପଦ ଅଟେ। ଏହାକୁ ପ୍ରତିହତ କରିବାକୁ ହେଲେ କେବଳ ଐକ୍ୟବଦ୍ଧ ସଂଗ୍ରାମ ହିଁ ଏକମାତ୍ର ବିକଳ୍ପ ଅଟେ।

ତେଣୁ ଆସନ୍ତା ନୂଆ ବର୍ଷ ୨୦୧୯ ସଂଗ୍ରାମର ବର୍ଷ ହେଉ, ଯାହା ରାଜନୈତିକ ଓ ଅର୍ଥନୈତିକ ପରିବର୍ତ୍ତନ ସହିତ ସୃଷ୍ଟି ହେଉ ଏକ ନୂତନ ସମ୍ଭାବନା । ଆମ ସଂଗଠନ ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ଶ୍ରଦ୍ଧା, ସହଯୋଗ ଓ ପ୍ରଚଣ୍ଡ ବିଶ୍ୱାସକୁ ପାଥେୟ କରି ସଙ୍ଗଠନକୁ ଆଗେଇ ନେବାରେ ପ୍ରୟାସ କରିଛି।

ନୂତନ ବର୍ଷ ସମସ୍ତ ଙ୍କ ପାଇଁ ସୁଖ ଶାନ୍ତି ଓ ସଂକଳ୍ପର ବର୍ଷ ହେଉ ଏହାହିଁ କାମନା।

*AOUBEA – ZINDABAD, AIBEF-ZINDABAD,AOBEF- ZINDABAD, BEFI- ZINDABAD*

*ଅଜୟ କୁମାର ମହାନ୍ତି*
ସାଧାରଣ ସମ୍ପାଦକ